# NATIONAL NEWS BULLETIN (ODIA)
## 13 November - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏବଂ ୱାୟନାଡ ଲୋକସଭା ଆସନ ସମେତ ୧୧ଟି ରାଜ୍ୟର ୩୩ଟି ବିଧାନସଭା ଆସନ ଲାଗି ଉପ-ନିର୍ବାଚନ ପାଇଁ ଆଜି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେଲା ଭୋଟ୍‌ଗ୍ରହଣ ।
- ଆସନ୍ତା ୧୬ ତାରିଖରୁ ନାଇଜେରିଆ, ବ୍ରାଜିଲ୍ ଓ ଗୁଆନାକୁ ୬ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ସମସ୍ୟାର ସମାଧାନ ଲାଗି ଉଭୟ ପକ୍ଷକୁ ସମର୍ଥନ କରିବା ପ୍ରସଙ୍ଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ରାତି ସାଢ଼େ ଆଠଟାରେ ସେଞ୍ଚୁରିୟାନ୍‌ରେ ଖେଳାଯିବ ।

# ଝାଡ଼ଖଣ୍ଡ-ଇଲେକ୍ସନ୍

ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ଥିବା ୪୩ଟି ବିଧାନସଭା ଆସନ ଲାଗି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା । ସନ୍ଧ୍ୟା ୫ଟା ସୁଦ୍ଧା ମୋଟ୍ ୬୪ ଦଶମିକ୍ ୮/୬ ପ୍ରତିଶତ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିଥିବା ସରକାରୀ ଭାବେ କୁହାଯାଇଛି । ମୋଟ୍ ୧ କୋଟି ୩୭ ଲକ୍ଷ ମତଦାତା ୬୮୩ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି । ମୋଟ୍ ପ୍ରାର୍ଥୀଙ୍କ ମଧ୍ୟରୁ ୪୩ ଜଣ ମହିଳା ଅଛନ୍ତି । ବିଜେପି ପ୍ରାର୍ଥୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍, ଜେ.ଏମ୍.ଏମ୍.ର ମହୁଆ ମାଝି, କଂଗ୍ରେସର ରାମେଶ୍ୱର ଓରାଓ, ଜେ.ଡି.ୟୁ.ର ସରଜୁ ରାଇ ପ୍ରମୁଖ ଆଜିର ନିର୍ବାଚନ ରଣାଙ୍ଗନାରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତ ରହିଛନ୍ତି। ରାଜ୍ୟରେ ଏଥିଲାଗି ମୋଟ୍ ୧୫ ହଜାର ୩୪୪ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଅବାଧ, ନିରପେକ୍ଷ ତଥା ସ୍ୱଚ୍ଛ ନିର୍ବାଚନ ପରିଚାଳନା ଲକ୍ଷ୍ୟରେ ଏହିସବୁ ନିର୍ବାଚନ ମଣ୍ଡଳୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ୨୦୦ କମ୍ପାନୀରୁ ଅଧିକ କେନ୍ଦ୍ରୀୟ ସୁରକ୍ଷାବଳଙ୍କୁ ମଧ୍ୟ ମୁତୟନ କରାଯାଇଛି ।

ଏଥିସହିତ ଆନ୍ତଃ ଜିଲ୍ଲା ସୀମାକୁ ସିଲ୍ କରିଦିଆଯାଇଛି । ନକ୍ସଲ ଗତିବିଧିକୁ ରୋକିବା ପାଇଁ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ,

ଛତିଶଗଡ଼ ଏବଂ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି ।

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୦ ତାରିଖରେ ୩୮ଟି ବିଧାନସଭା ମଣ୍ଡଳୀରେ ଅନୁଷ୍ଠିତ ହେବ । ୨୩ ତାରିଖ ଦିନ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ବାଇପୋଲ୍

୧୧ଟି ରାଜ୍ୟର ୩୩ଟି ବିଧାନସଭା ଆସନ ଏବଂ କେରଳର ୱାୟନାଡ୍ ଲୋକସଭା ଆସନ ଲାଗି ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ମଧ୍ୟ ଆଜି ସମ୍ପନ୍ନ ହୋଇଛି । ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ଣ୍ଣାଟକର ୩, ମଧ୍ୟପ୍ରଦେଶ ଓ ସିକ୍କିମ୍‌ର ୨ଟି ଲେଖାଏଁ ଏବଂ କେରଳ, ଛତିଶଗଡ଼, ଗୁଜରାଟ ଓ ମେଘାଳୟର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ଜଣାଯାଇଛି ।

ପଶ୍ଚିମବଙ୍ଗର ୬ଟି ବିଧାନସଭା ଉପନିର୍ବାଚନ ପାଇଁ ଆଜି ମତଦାନ କରାଯାଇଛି । ଅପରାହ୍ଣ ୫ଟା ସୁଦ୍ଧା ଏହି ସବୁ ନିର୍ବାଚନ ମଣ୍ଡଳୀରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ହୋଇଥିବା ସୂଚନା ମିଳିଛି । ଭୋଟ ଗ୍ରହଣ ପ୍ରକ୍ରିୟାକୁ ହିଂସାମୁକ୍ତ ତଥା ନିରପକ୍ଷ ଭାବେ ସମ୍ପନ୍ନ କରିବା ଦିଗରେ

ଆବଶ୍ୟକ ପଦକ୍ଷେପ ନେବା ଲାଗି ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଆରିଜ୍ ଅଫ୍‌ତାବ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ନାଇଜେରିଆ, ବ୍ରାଜିଲ୍ ଓ ଗୁଆନା ଗସ୍ତ କରିବେ । ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୬ ଓ ୧୭ ତାରିଖ ଦୁଇ ଦିନ ସେଠାକୁ ଗସ୍ତ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ଟିନୁବୁଙ୍କ ସହିତ ଆଲୋଚନା କରିବେ । ୨୦୦୭ ମସିହାରୁ ଭାରତ-ନାଇଜେରିଆ ମଧ୍ୟରେ ଅର୍ଥନୀତି, ଶକ୍ତି ଏବଂ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ରଣନୈତିକ ଭାଗିଦାରୀ କାର୍ଯ୍ୟକାରୀ ହୋଇଆସୁଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ଓ ୧୯ ତାରିଖ ବ୍ରାଜିଲ୍ ଗସ୍ତ କରିବେ । ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭାଙ୍କ ଦ୍ୱାରା ରିଓ-ଡି-ଜାନିରୋ ଠାରେ ଆୟୋଜିତ

ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ଜି-୨୦ ନୂଆଦିଲ୍ଲୀ ନେତୃତ୍ୱ ଘୋଷଣାନାମାର ନିଷ୍ପତ୍ତିର କାର୍ଯ୍ୟକାରିତା ଏବଂ ବିଭିନ୍ନ ବୈଶ୍ୱିକ ତଥା ଆଞ୍ଚଳିକ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଭାରତର ମତାମତ ରଖିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ମଧ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ତ୍ରିଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତ କରିବେ । ୧୯୬୮ ମସିହା ପରେ ଗୁଆନା ଗସ୍ତ କରିବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ । ଗତବର୍ଷ ସପ୍ତଦଶ ପ୍ରବାସୀ ଭାରତୀୟ ଦିବସ ଅବସରରେ ଇନ୍ଦୋର ଠାରେ ଆୟୋଜିତ ଜାତୀୟ ସ୍ତରୀୟ ସମାରୋହରେ ଗୁଆନା ରାଷ୍ଟ୍ରପତି ମହମ୍ମଦ ଇର୍ଫାନ୍ ଅଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ସମାରୋହରେ ତାଙ୍କୁ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ଗୁଆନା ଗସ୍ତ ଅବସରରେ ସେ ରାଷ୍ଟ୍ରପତି ଶ୍ରୀ ଅଲିଙ୍କ ସମେତ ସେଠାକାର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ସେହିଭଳି ଶ୍ରୀ ମୋଦୀ ଗୁଆନା ସଂସଦ ଭବନରେ ସାଂସଦମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଗୁଆନାର ଜର୍ଜଟାଉନ୍ ଠାରେ ଦ୍ୱିତୀୟ କ୍ୟାରିକମ୍-ଭାରତ ସମ୍ମିଳନୀରେ ଶ୍ରୀ ମୋଦୀ

ଯୋଗଦେବା ସହିତ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ସହିତ ଭାରତର ବହୁ ଦିନର ବନ୍ଧୁତ୍ୱକୁ ସଶକ୍ତ କରିବା ଦିଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

## ପ୍ରଧାନମନ୍ତ୍ରୀ-ଜନଔଷଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇ ସରକାର କାର୍ଯ୍ୟ କରୁଛନ୍ତି । ଆଜି ବିହାରର ଦରଭଙ୍ଗା ଠାରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାରତୀୟ ଜନଔଷଧୀ କେନ୍ଦ୍ର ସମେତ ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦେଶ ବ୍ୟାପି ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ଲାଗି ୭୫ ହଜାର ସିଟ୍ ବୃଦ୍ଧି କରାଯିବ । ଏତଦ୍‌ବ୍ୟତୀତ ଆର୍ଥିକ ଦୁର୍ବଳ ବର୍ଗ ଲୋକଙ୍କ କଲ୍ୟାଣ ଲାଗି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଦେଶ ବ୍ୟାପି ଖୋଲା ଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀ ମୋଦୀ ଆଜି ଦେଶର ବିଭିନ୍ନ ରେଳ ଷ୍ଟେସନ୍‌ରେ ୧୮ଟି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି । ସମ୍ପୃକ୍ତ ରେଳ ଷ୍ଟେସନ୍ ଗୁଡ଼ିକରେ ଖୋଲାଯାଇଥିବା ଏହି ଜନଔଷଧୀ କେନ୍ଦ୍ରରେ ଯାତ୍ରୀମାନେ ସ୍ୱଳ୍ପ ମୂଲ୍ୟରେ ଔଷଧ ପାଇପାରିବେ ।

## ଭିପି-ଭିଏତନାମ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ନୂଆଦିଲ୍ଲୀ ଠାରେ ଭିଏତନାମ କମ୍ୟୁନିଷ୍ଟ ପାର୍ଟିର ପଲିଟ୍ ବ୍ୟୁରୋ ସଦସ୍ୟ ତଥା ହୋ ଚି ମିନ୍ ଜାତୀୟ ରାଜନୀତି ଏକାଡେମୀର ସଭାପତି ଡକ୍ଟର ଗୁଏଁ ଜୋଆଁ ଥାଙ୍ଗ୍‌ଙ୍କୁ ଭେଟିଛନ୍ତି । ଏହି ସାକ୍ଷାତ ଅବସରରେ ଉଭୟ ନେତା ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ଭାରତ-ଭିଏତନାମ ସମନ୍ୱିତ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ମଧ୍ୟ ସେମାନେ ମତବିନିମୟ କରିଥିବା ଜଣାଯାଏ ।

## ଡକ୍ଟର ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ତଥା ଗାଜା ଦ୍ୱନ୍ଦ୍ୱକୁ ନେଇ ଉଦ୍‌ବେଗ ପ୍ରକାଶ

କରିଛନ୍ତି । ଏ ସମ୍ପର୍କରେ ଭାରତର ପକ୍ଷ ରଖି ସେ କହିଛନ୍ତି, ଭାରତ ଏ ଦିଗରେ ନିଜର ନୀତିଗତ ନିଷ୍ପତ୍ତିରେ ସମ୍ପୂର୍ଣ୍ଣ ଅଟଳ ରହିଛି । ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ଏହି ସମସ୍ୟାର ସମାଧାନ କରିବା ଦିଗରେ ଉଭୟ ପକ୍ଷକୁ ସମ୍ପୂର୍ଣ୍ଣ ସମର୍ଥନ କରିବା ପ୍ରସଙ୍ଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ଡକ୍ଟର ଜୟଶଙ୍କର ପୁନର୍ବାର ଦୋହରାଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ଭାରତ-ସାଉଦି ଆରବ ରଣନୈତିକ ଭାଗିଦାରୀ ପରିଷଦର ରାଜନୈତିକ, ନିରାପତ୍ତା, ସାମାଜିକ ଓ ସାଂସ୍କୃତିକ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡକ୍ଟର ଜୟଶଙ୍କର ତାଙ୍କର ସାଉଦି ଆରବ ପ୍ରତିପକ୍ଷ ଫାଇସାଲ୍ ବିନ୍ ଫାରାଁ ଅଲ୍ ସାଉଦ୍‌ଙ୍କ ସହିତ ଏହି ବୈଠକରେ ସହ-ଅଧ୍ୟକ୍ଷତା କରି ଏହା କହିଛନ୍ତି । ଡକ୍ଟର ଜୟଶଙ୍କର ଏହି ଅବସରରେ ଉଭୟ ଦେଶର ସାମଗ୍ରୀକ ବିକାଶ ଦିଗରେ ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ଉପରେ ଆଲୋକପାତ କରିଛନ୍ତି । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ସଂଯୋଗୀକରଣ, ନବୀକରଣ ଶକ୍ତି, ଶକ୍ତି ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କ ଅଧିକ ସଶକ୍ତ ହୋଇଥିବା ବେଳେ ପୁଞ୍ଜିନିବେଶ ମଧ୍ୟ ବୃଦ୍ଧି ପାଇଛି । ଏତଦ୍‌ବ୍ୟତୀତ ସାଂସ୍କୃତିକ, ପର୍ଯ୍ୟଟନ, ଯୁବବ୍ୟାପାର ଏବଂ ଗଣମାଧ୍ୟମ ଓ ମନୋରଂଜନ ଆଦି କ୍ଷେତ୍ରକୁ ଅଧିକ ପ୍ରୋତ୍ସାହିତ କରିବା ଲାଗି କରାଯାଉଥିବା ପ୍ରଚେଷ୍ଟାକୁ ସେ ପ୍ରଶଂସା କରିଛନ୍ତି ।

ଏହି ଅବସରରେ ସାଉଦିଆରବର ବୈଦେଶିକ ମନ୍ତ୍ରୀ କହିଛନ୍ତି, ଭାରତ ସହ ତାଙ୍କ ଦେଶର ସମ୍ପର୍କ ବହୁ ପୁରାତନ ଏବଂ ଏହା ଆପୋଷ ସମ୍ମାନ ଓ ସହଯୋଗ ଭିତ୍ତିରେ ପ୍ରତିଷ୍ଠା ହୋଇପାରିଛି । ଶ୍ରୀ ଅଲ୍ ସାଉଦ୍ ଦୁଇଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଆଜି ନୂଆଦିଲ୍ଲୀରେ ଉଭୟ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି ।

# କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ସେଞ୍ଚୁରିୟାନ୍‌ର ସୁପର ସ୍ପୋର୍ଟ୍ ପାର୍କ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଥିବାରୁ ସିରିଜ୍ ସମାନ ସ୍ତରରେ ରହିଛି । ପ୍ରଥମ ମ୍ୟାଚ୍‌କୁ ଭାରତ ୬୧ ରନ୍‌ରେ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍‌ରେ ବିଜୟୀ ହୋଇଥିଲା । ଏହି ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶୁକ୍ରବାର ଦିନ ଜୋହାନ୍ସବର୍ଗର ୱାଣ୍ଡରର୍ସ୍ ଷ୍ଟାଡିୟମ୍‌ରେ ଖେଳାଯିବ ।

# ବ୍ୟାଡ୍‌ମିଣ୍ଟନ୍

କୁମାମୋଟୋ ମାଷ୍ଟର୍ସ ଜାପାନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର ଦୁଇଥର ଅଲିମ୍ପିକ୍ ବିଜେତା ପି.ଭି. ସିନ୍ଧୁ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସେ ଥାଇଲାଣ୍ଡର ବୁସାନାନ ଅଙ୍ଗବାମ୍-ରୁଙ୍ଗ୍‌ଫାନ୍‌ଙ୍କୁ ୨୧-୧୨, ୨୧-୮ ସେଟ୍‌ରେ ପରାସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ଭାରତର ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ ବର୍ଗର ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମାଲେସିଆର ଲିଅଙ୍ଗ୍ ଜୁନ୍ ହାଓଙ୍କ ନିକଟରୁ ୨୨-୨୦, ୧୭-୨୧ ଓ ୧୬-୨୧ରେ ପରାସ୍ତ ହୋଇଛନ୍ତି ।